# Akashvani, Sambalpur

## SAMBALPURI NEWS BULLETIN

### 23 June 2024- 6.47- 6.52 am.

*************************************************

ମୁଖ୍ୟମନ୍ତ୍ରୀ- ବନ୍ୟା ସମୀକ୍ଷା          ଆର୍ଏନ୍ୟୁ / ସମ୍ବଲପୁର

ଦୁର୍ବଲ୍ ନଦୀବନ୍ଧ ମାନ୍କର୍ ସୁଦୃଢ଼ୀକରଣ୍ କରାବାର୍ ସହେତେ ବନ୍ୟା ସମିଆଥି ସଜାଗ୍ ରହିକରି ଦର୍କାରୀ ପଦକ୍ଷେପ୍ ନେବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ  ନିର୍ଦ୍ଦେଶ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ଗଲାକାଏଲ୍ ଭୁବ୍ନେଶ୍ୱର୍ ନ ଜଲ୍ସମ୍ପଦ୍ ବିଭାଗ୍ର ବରିଷ୍ଠ ଅଧିକାରୀମାନ୍କର୍ ସାଙ୍ଗେ ଇ ମୌସୁମୀ ଋତୁଥି ସମ୍ଭାବ୍ୟ ବନ୍ୟା ପରିଚାଲନାର୍ ପ୍ରସ୍ତୁତି ବାବ୍ଦେ ସମୀକ୍ଷା କରିଥିଲେ । ଇ ବୈଠକ୍ଥି ଜଲ୍ସମ୍ପଦ୍ ବିଭାଗ୍ର ଭିନ୍ ଭିନ୍ ଯୋଜ୍ନା ଅଧୀନ୍ଥି ଚାଲୁଥିବାର୍ କାମ୍ ମାନ୍କୁ ଧାରିକ୍ ସମିଆ ଭିତ୍ରେ ପୁରା କର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ଭୋଟ୍ ବେଲେ ଦିଆଯାଇଥିବାର୍ ପ୍ରତିଶ୍ରୁତି ପାଲନ୍ ଲାଗି ୪ ଟା ବୈଷୟିକ କମିଟି ଗଠନ୍ ଲାଗି ଭିଲ୍ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ସମୀକ୍ଷା ବୈଠକ୍ଥି ଉନ୍ନୟନ୍

କମିଶନର୍ ଆଉ ଜଲ୍‌ସମ୍ପଦ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁଗର୍ଗ ଆଉ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ପ୍ରାକ୍‌ବଜେଟ୍ ପରାମର୍ଶ ବୈଠକ୍

ପ୍ରେସ୍ ରିଲିଜ୍/ଆର୍‌ଏନ୍‌ୟୁ ସମ୍ବଲପୁର

ଆଏବା କେନ୍ଦ୍ର ବଜେଟ୍ ୨୦୨୪-୨୫ ଲାଗି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ଅର୍ଥମନ୍ତ୍ରୀମାନ୍‌କର୍ ପରାମର୍ଶ ନେବାର୍‌କେ ନୂଆଦିଲ୍ଲୀ ନ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କର୍ ଅଧ୍ୟକ୍ଷତାଥି ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ କନକ୍‌ବର୍ଦ୍ଧନ୍ ସିଂହଦେଓ ଇଥି ଯୋଗ୍ ଦେଇକରି ରାଜ୍ୟର୍ ଅର୍ଥନୀତି ଆଉ ବିକାଶ୍ ପ୍ରସଙ୍ଗ ବାବଦ୍ ସ୍ମାରକପତ୍ର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଦେଇଥିଲେ । ହେଲେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକେ ନେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ତାଙ୍କର୍ ବକ୍ତବ୍ୟ ରଖିଥିଲେ । ସମ୍ବଲ୍‌ପୁର୍ ଠାନେ ୨ ନମ୍ବର୍ ଏମ୍ସ ପ୍ରତିଷ୍ଠା ଲାଗି କେନ୍ଦ୍ର ବଜେଟ୍‌ଥି ଉପଯୁକ୍ତ ବ୍ୟବସ୍ଥା କର୍‌ବାର୍ ଆଉ ଜାତୀୟ ରାଜପଥ, ସୁଭଦ୍ରା ଯୋଜ୍‌ନା ଜରିଏ ମହିଳାମାନ୍‌କର୍ ସଶକ୍ତିକରଣ୍ ଲାଗି କେନ୍ଦ୍ରସର୍‌କାର୍‌ଙ୍କର୍ ଆଂଶିକ

ସାହାଜ୍ ଦେବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅନୁରୋଧ୍ କରିଥିଲେ ।

ଅଧ୍ୟକ୍ଷ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଘର୍ ସର୍‌କାର୍‌ଙ୍କର୍ ଅମଲ୍‌ଥି ରାଜ୍ୟର୍ ଭିନ୍ ଭିନ୍ ସର୍‌କାରୀ ନିଗମ୍ ମାନ୍‌କେ ନିଯୁକ୍ତି ଦିଆଯାଇଥିବା ଅଧ୍ୟକ୍ଷ ମାନ୍‌କୁ ଅବ୍ୟାହତି ଦିଆଯାଇଛେ । ଅଧ୍ୟକ୍ଷ ମାନ୍‌କର୍ ଲାଗି ନିଗମ୍ ମାନ୍‌କର୍ ପରିଚାଳନାଥି କେନ୍‌ସି ଗୁଣାତ୍ମକ ଉନ୍ନତି ଦେଖା ନାଇଁ ଦେବାର୍‌ନୁ ସେମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦାୟିତ୍ୱ ନୁ ମୁକ୍ତ କରିଛନ୍ ବଲି ଗୁଟେ ବିଜ୍ଞପ୍ତିଥି କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ଭିନ୍ ଭିନ୍ ବିଭାଗ୍‌ର ଉପଦେଷ୍ଟାମାନ୍‌କୁ ଭିଲ୍ ଦାୟିତ୍ୱ ନୁ ମୁକ୍ତ କରାଯାଇଛେ ।

ଅଣସର ଦର୍ଶନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍‌ନୁ ବ୍ରହ୍ମଗିରିର ଶ୍ରୀ ଅଲାର୍‌ନାଥ ପୀଠ ନ ଅଣସର ଦର୍ଶନ୍ ମୁଲ୍ ହେବା । ୧୩ ଦିନ୍ ଧରିକରି ମହାପ୍ରଭୁ ଚତୁର୍ଭୁଜ

ନାରାୟଣ ରୂପଥି ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ଇଥିର୍‌ଲାଗି ପ୍ରଶାସନ୍ ତର୍‌ଫୁ ସବୁ ପ୍ରସ୍ତୁତି ଶେଷ୍ ହେଇଛେ ।
ସେଆଡ଼େ ଶ୍ରୀକ୍ଷେତ୍ର ପୁରୀ ନ ଗଲାକାଏଲ୍ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବ୍‌ସରେ ଚତୁର୍ଦ୍ଧାମୂର୍ତି ହାତୀ ବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେଇଥିଲେ । ଦେବସ୍ନାନ ପୂର୍ଣ୍ଣିମା ଲାଗି ଶ୍ରୀମନ୍ଦିର୍ ନ ସ୍ୱତନ୍ତ୍ର ନୀତିକାନ୍ତି ହେଇଥିଲା । ଇ ବେଶ ଦେଖ୍‌ବାର୍ ଲାଗି ଭକ୍ତମାନ୍‌କର୍ ବହୁତ୍ ଭିଡ଼୍ ହେଇଥିଲା ।  ଅଧାରାତି ବେଶ ଓଲାଗି ଉତ୍‌ରୁ ଚତୁର୍ଦ୍ଧାମୂର୍ତିଙ୍କର୍ ବାହୁଡ଼ା ପହଣ୍ଡି ଆରମ୍ଭ୍ ହେଇଥିଲା । ପହେଲା ସୁଦର୍ଶନ୍, ପଛେ ବଡ଼ଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଆଉ ଶେଷେ ଶ୍ରୀ ଜଗନ୍ନାଥ ଗୋଟି ପହଣ୍ଡିଥି ଅଣସର ଘରେ ବିଜେ କରିଛନ୍ ।

ସ୍କୁଲ୍- ଗଣିତ ଶିକ୍ଷା        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସ୍କୁଲ୍ ମାନ୍‌କେ ଗଣିତ ଶିକ୍ଷା ଉପ୍‌ରେ ଜୋର୍ ଦିଆଯିବା । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଇଥିର୍‌ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଉଛେ । ଇ ମାସର୍ ୨୬ ତାରିଖ୍‌ନୁ ଜୁଲାଇ ୧୦ ତାରିଖ୍‌ତକ୍ ବ୍ଲକ୍‌ସ୍ତରୀୟ ଶିକ୍ଷକ୍ ତାଲିମ୍ ଦିଆଯିବା । ଏସ୍‌ଆର୍‌ଜି ମାନେ ଶିକ୍ଷକ୍‌ମାନ୍‌କୁ ତାଲିମ୍ ଦେବେ ।

ପିଲାମାନେ ଆଏବା ଦିନେ କେନ୍ତା ଭିନ୍ ଭିନ୍ ପ୍ରବେଶିକା ଆଉ ପ୍ରତିଯୋଗିତାମୂଲକ୍ ପରୀକ୍ଷାଥି ଉନ୍ନତି କର୍‌ବେ ସେଥିର୍‌ଲାଗି ସେମାନ୍‌କର୍ ଜ୍ଞାନ୍ ବଢ଼ାବାର୍‌କେ ପହେଲା ଶିକ୍ଷକ୍‌ମାନ୍‌କୁ ଦକ୍ଷ କରାଯାଉଛେ । ବ୍ଲକ୍‌ସ୍ତରୀୟଥି ଶିକ୍ଷକମାନ୍‌କୁ ତାଲିମ୍ ଦେବାର୍ ଲାଗି ୫୬ ଝନ୍ ଏସ୍‌ଆର୍‌ଜିଙ୍କୁ ଦାୟିତ୍ୱ ଦିଆଯାଇଛେ ।

ସ୍କୁଲ୍- ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସ୍କୁଲ୍ ମାନ୍‌କେ ୬ ନୁ ୮ କ୍ଲାସ୍‌ର ପିଲାମାନେ ବେଗ୍ ନାଇଁ ଆନିକରି ସ୍କୁଲ୍‌କେ ଆସ୍‌ବେ ଆଉ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ଭାଗ୍ ନେବେ । ଫି' ମାସେ ଧାରିଜ୍ ତାରିଖ୍‌ଥି ଏନ୍ତା କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଗୁଟେ କାର୍ଯ୍ୟଖସଡ଼ା ତିଆର୍ କରାଯାଇଛେ । ପିଲାମାନ୍‌କର୍ ସୃଜନଶୀଲତା ବଢ଼ାବାର୍ ଲାଗି ଗପ ଶୁନ୍‌ବାର୍ ଆର୍ କହେବାର୍, ଏକାଧିକ ଭାଷାଥି ଦକ୍ଷତା ପ୍ରଦର୍ଶନ୍, ଯୁବ ଆଉ ପରିବେଶ୍ କ୍ଲବ୍, ସୁରକ୍ଷା, ଆତ୍ମରକ୍ଷା, ଆମ ସଂସ୍କୃତି ଆମ ଖେଲନା, ବିଜ୍ଞାନ୍ କ୍ଲବ୍, ଆଉ ଗଣିତ କ୍ଲବ୍ ବାଗିର୍ ବହୁତ୍‌ଟେ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । ନୂଆଁ ଜାତୀୟ ଶିକ୍ଷାନୀତି ଅନ୍‌ସାରେ ବିଦ୍ୟାର୍ଥୀଙ୍କର୍ ଇ ସୃଜନଶୀଳ କାର୍ଯ୍ୟକ୍ରମ୍‌ଥି ଜୋର୍

ଦିଆଯିବା । କାର୍ଯ୍ୟମାନ୍‌ମାନ୍‌କୁ ଭିନ୍ ଭିନ୍ ବିଭାଗ୍‌ଥି ଭାଗ୍ କରାଯାଇକରି ଫି' ମାସ ଅଲ୍‌ଗା ଅଲ୍‌ଗା ଦିନ୍ ଧାରିଜ୍ କରାଯିବା ।

ଶବ୍ଦନୃତ୍ୟ ଗୁରୁ ଭଗବାନ ସାହୁ ପରଲୋକ ବର୍‌ଗଡ଼୍

ସମ୍ବାଦଦାତା

ଶବ୍ଦନୃତ୍ୟ ଗୁରୁ ଭଗବାନ ସାହୁଙ୍କ ୯୪ ନମ୍ବର୍ ଜୟନ୍ତୀ ବର୍‌ପାଲି ନ ପାଲିତ୍ ହେଇଯାଇଛେ । ସ୍ମୃତି କମିଟିର୍ ସଭାପତି ଡାକ୍ତର୍ ସୁବଲ ଚନ୍ଦ୍ର ମାଝୀଙ୍କର୍ ସଭାପତିତ୍ୱଥି ହେଇଥିବା ସଭାଥି ବିଜେପୁର୍ ବିଧାୟକ୍ ସନତ୍ କୁମାର୍ ଗଡ଼ତିଆ ଆଉ ଅଧ୍ୟାପିକା ପଦ୍ମିନୀ ଦାସ ଯୋଗ୍ ଦେଇକରି ଗୁରୁ ଭଗବାନ୍ ସାହୁଙ୍କର୍ ଜୀବନୀ ଉପ୍‌ରେ ଆଲୋକପାତ କରିଥିଲେ । ଇ ଅବ୍‌ସରେ ପଦ୍ମଶ୍ରୀ ଭାଗବତ୍ ପ୍ରଧାନ୍‌ଙ୍କୁ ସମ୍ମାନିତ୍ କରାଯାଇଥିଲା ।

ଅଲମ୍ପିକ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତୀୟ ଅଲମ୍ପିକ୍ସ ଦିବସ୍ । ୧୮୯୪ ମସିହା ଆଝିର୍ ଦିନେ ଆନ୍ତର୍ଜାତୀୟ ଅଲମ୍ପିକ୍ସ କମିଟି ଗଠନ୍ ହେଇଥିଲା । ୧୯୪୮

ମସିହାନୁ ଫି ବଛର୍ ଜୁନ୍ ମାସର୍ ୨୩ ତାରିଖ୍‌କେ ଆନ୍ତର୍ଜାତୀୟ ଅଲମ୍ପିକ୍ସ ଦିବସ୍ ଭାବେ ପାଲନ୍ କରାଯାଉଛେ । ଅନ୍ତଃରାଷ୍ଟ୍ରୀୟ ସ୍ତର୍‌ଥି ଖେଲ୍‌କେ ତହଁକାବାର୍ ସହେତେ ରାଷ୍ଟ୍ର- ରାଷ୍ଟ୍ର ଭିତ୍‌ରେ ବନ୍ଧୁତା ଥାପ୍‌ନା କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ପୁର୍‌ଥିର୍ ୨ ଶହ ୫ ଟା ଦେଶ୍ ଅଲମ୍ପିକ୍ସ ଦିବସ୍ ନ ଦୌଡ଼ ଆୟୋଜନ୍ କର୍‌ସନ୍ । ଇ ବଛର୍ ଅଲମ୍ପିକ୍ସ ଦିବସ୍‌ର ବାର୍ତା ରହିଛେ - ‘ଚାଲ ଆଗ୍‌କେ ବଢ଼୍‌ମା ଆଉ ଉତ୍ସବ୍ ପାଲ୍‌ମା’ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା ୨୫ ତାରିଖ୍ ମଙ୍ଗଲ୍‌ବାର୍ ଦିନୁ ଜବର୍ ବର୍ଷା ହେବା । ମୌସୁମୀ ପ୍ରଭାବ୍‌ଥି ରାଜ୍ୟର୍ ବହୁତ୍‌ଟେ ଇଲାକା ନ ଭଲ୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ପୂର୍ବାନୁମାନ୍ କରିଛେ । ପାଣିପାଗ୍ ବିଭାଗ୍‌ର ଅନୁମାନ୍ ଅନ୍‌ସାରେ ଆଏଜ୍ ଆର୍ ଆଏବାକାଏଲ୍ ରାଜ୍ୟର୍ କେତେଟା ଜାଗା ନ ବର୍ଷା ହେବା । ରାଜ୍ୟର୍ ଉପକୂଳ ଆଉ ଭିତ୍‌ରିଆ ଇଲାକାର୍ କେତେଟା ଜାଗା ନ କମ୍ ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ହେଲେ ମଙ୍ଗଲ୍‌ବାର୍‌ଦିନୁ ବର୍ଷା ବଢ଼୍‌ବା ବଲି ପାଣିପାଗ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ଡକ୍ଟର୍ ମନୋରମା ମହାନ୍ତି କହିଛନ୍ ।